ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୧ ଅକ୍ଟୋବର, ୨୦୨୧



**ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା**

ରାଉରକେଲା ଅଫିସ : ରାଉରକେଲା ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଡୁମେରତାର ଅଞ୍ଚଳରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ତରୁଣ ଏକ୍କା(୨୭)। ପୋଲିସ ଏ ନେଇ ଏକ ମାମଲା (ନଂ.୫୨/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି । ପୋଲିସ ସୂଚନା ଅନୁସାରେ, ତରୁଣ ଗଛ କିଛିଦିନ ତଳେ ଏକ ମାମଲାରେ ଜେଲ ଯାଇଥିଲେ। ଜାମିନରେ ଆସିବା ପରେ ସେ ମାନସିକ ଭାରସାମ୍ୟ ହରାଇଥିଲେ। ଶନିବାର ରାତିରେ ସେ ନିଜ ଶୋଇବା ଘର ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମାନବାଧିକାର ସଙ୍ଗଠନର ତଦନ୍ତ

- ଲହୁଣୀପଡ଼ା ବ୍ଲକ ଦମାଲୁ ଗାଁରେ ଦୁଇ ଶିଶୁ ମୃତ ଘଟଣା
- ତଥ୍ୟ ଅନୁସନ୍ଧାନ କଲେ ରାଜ୍ୟ ମାନବାଧିକାର ସଙ୍ଗଠନ ପ୍ରତିନିଧି

ଲହୁଣୀପଡା, ୧୦।୧୦ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତ ଦମାଲୁ ଗ୍ରାମରେ ଗତ ସେପ୍ଟେମ୍ବରରେ ବିଧବା ଇନ୍ଦୁ ତୁରୀଙ୍କ ଦୁଇ ସନ୍ତାନଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ବେଶ ଚର୍ଚ୍ଚା ହୋଇଥିଲା। ମୃତ୍ୟୁର କାରଣ ଜାଣିବା ପାଇଁ ରବିବାର ରାଜ୍ୟ ମାନବାଧିକାର ସଙ୍ଗଠନର ଦୁଇ ମହିଳା ପ୍ରତିନିଧି



ରାଜ୍ୟ ମାନବାଧିକାର ସଙ୍ଗଠନର ପ୍ରତିନିଧି ତଦନ୍ତ କରୁଛନ୍ତି।

ଆଇନଜୀବୀ ସୁଜାତା ଦାସ, ଶ୍ରୀଜ୍ୟୋତି ସର ଓ ସମାଜସେବୀ ଶାନ୍ତନୁ କୁସୁମ ପହଞ୍ଚି ଦୁଇ ଶିଶୁଙ୍କ ମୃତ୍ୟୁର କାରଣ ତଥ୍ୟ ସଂଗ୍ରହ କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଦମାଲୁ ଗ୍ରାମର ଅସହାୟା ବିଧବା ମହିଳା ଇନ୍ଦୁ ତୁରୀଙ୍କ ଦୁଇ ଶିଶୁ ଅଜୟ ତୁରୀ (୬), ଆଶ୍ରିତା ତୁରୀ(୮) ମୃତ୍ୟୁବରଣ କରିଥିବା ଘଟଣାକୁ ଗମ୍ଭିରତାର ସହ ଗ୍ରହଣ କରିଛି ରାଜ୍ୟ ମାନବାଧିକାର ସଙ୍ଗଠନ। ସଙ୍ଗଠନର ପ୍ରତିନିଧିମାନେ ଦମାଲୁ ଗ୍ରାମରେ ପହଞ୍ଚି ଅନେକ ମହିଳା ପୁରୁଷମାନଙ୍କ ସହିତ ଆଲୋଚନା କରି ଏଭଳି ଅଭାବନୀୟ ଘଟଣା ଘଟିବାର କାରଣ ସମ୍ପର୍କରେ ଚିକିନିଖି ଭାବରେ ତଥ୍ୟ ସଂଗ୍ରହ କରିଛନ୍ତି। ସେଥିରେ ମାନବାଧିକାର ସଙ୍ଗଠନର ପ୍ରତିନିଧିମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିବାବେଳେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଖୁବଶୀଘ୍ର ଓଡିଶା ଉଚ୍ଚ ନ୍ୟାୟାଳୟରେ ଏହାକୁ ନେଇ ଏକ ଜନସ୍ୱାର୍ଥ ମାମଲା କରାଯିବ ବୋଲି ମାନବାଧିକାର ସଙ୍ଗଠନର ପ୍ରତିନିଧି ସୁଜାତା ଏବଂ ଶ୍ରୀଜ୍ୟୋତି ପ୍ରକାଶ କରିଥିବା ଜଣାପଡିଛି। ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ତାଳବାହାଳି ପଞ୍ଚାୟତ ବାବେହୁଡ଼ି ଗ୍ରାମକୁ ଯାଇ ଅପପୁଷ୍ଟିର ଶିକାର ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ପ୍ୟାରୀ ମୁଣ୍ଡାଙ୍କ ଝିଅ ଶାଳିନୀ ମୁଣ୍ଡାଙ୍କୁ ଏନଆରସିକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା କରାଯାଉଥିବା ଘଟଣା ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରିଥିଲେ। ବାବେହୁଡ଼ି ଓ ଦମାଲୁ ଉଭୟ ଗ୍ରାମକୁ ରାଜ୍ୟ ମାନବାଧିକାର ସଙ୍ଗଠନର ପ୍ରତିନିଧି ତଥ୍ୟ ସଂଗ୍ରହ କରିଛନ୍ତି। ସେମାନଙ୍କ ଗସ୍ତ ସମୟରେ ଲହୁଣୀପଡ଼ା ବିଡ଼ିଓ ଧାନାଇ ଚରଣ ଟୁଡୁ, ସିଡିପିଓ ମିନାକ୍ଷୀ ନାୟକ, ଶସ୍ୟକଳା ସରପଞ୍ଚ ଶୁଶିଳା ଟପୋ ସମେତ ଅନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିବା ଜଣାପଡିଛି।

## ସଂକ୍ଷେପରେ

### ଟ୍ରେନ ଲାଇନରେ କଟି ବୃଦ୍ଧ ମୃତ

ରାଜଗାଙ୍ଗପୁର, ୧୦।୧୦(ଡି.ଏନ.ଏ.): ରାଜଗାଙ୍ଗପୁର ସହର ଏସ୍‌ଭିଏମ କଲୋନି ବାସିନ୍ଦା ଗୌରାଙ୍ଗ ଘୋସ (୭୦) ଟ୍ରେନ୍‌ରେ କଟି ମୃତ୍ୟୁବରଣ କରିଛନ୍ତି। ରବିବାର ଭୋର ୫ଟାରେ ଟ୍ରାକସନ କଲୋନି ନିକଟରେ ରେଳ ଧାରଣା ଅତିକ୍ରମ କରିବାବେଳେ ତାଙ୍କୁ ଟ୍ରେନ୍ ଧକ୍କା ଦେଇ କିଛି ବାଟ ଟାଣିନେଇଥିଲା। ସେ ରେଳ ଧାରଣାରେ କଟିଯାଇଥିଲେ। ରାଜଗାଙ୍ଗପୁର ରେଳ ବିଭାଗ ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ଆଣିଥିଲେ।

### ତେଲେନପାଲି ଟ୍ରାନ୍ସଫର୍ମର ସାଜିଛି ମରଣଯନ୍ତା

ଝାରସୁଗୁଡ଼ା ଅଫିସ୍,୧୦।୧୦: ଝାରସୁଗୁଡା ଜିଲା ବେଲପାହାଡ ବିଦ୍ୟୁତ୍ ସବ୍‌ଡିଭିଜନର ବନ୍ଧବାହାଲ ସବ୍‌ଷ୍ଟେଶନ ଅନ୍ତର୍ଗତ ତେଲେପାଲି ଗ୍ରାମ ମୁଣ୍ଡ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଟ୍ରାନ୍ସଫର୍ମର



ଦୀର୍ଘବର୍ଷ ହେଲାଣି ମୁକୁଳା ପଡିଛି। ଏହି ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଗତ ଶନିବାର ଏକ ଗାଈର ମୃତ୍ୟୁ ହୋଇଥିବା ଜଣାପଡିଛି। ଏହା ପୂର୍ବରୁ ୨ଗୋରୁ ଓ ୨ ମାଙ୍କଡ ମୃତ୍ୟୁବରଣ କରିଥିବା ନଜିର ରହିଛି । ଏହି ମୁକୁଳା ପଡିଥିବା ଟ୍ରାନ୍ସଫର୍ମର ଏବେ ଗୃହପାଳିତ ପ୍ରାଣୀ ଓ ବନ୍ୟପ୍ରାଣୀଙ୍କ ପାଇଁ ସାଜିଛି ମରଣଯନ୍ତା। ଏନେଇ ପୂର୍ବରୁ ଅନେକଥର ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି । ହେଲେ ଖାଲି ପ୍ରତିଶ୍ରୁତି ମିଳିଛି ପରେ ତାହା କାର୍ଯ୍ୟକାରୀ ହେଉନାହିଁ । ଏନେଇ ବିଦ୍ୟୁତ୍ ବିଭାଗ ବ୍ରଜରାଜନଗର ଏକଜିକ୍ୟୁଟିଭ୍ ଇଞ୍ଜିନିୟର ଆଶୁତୋଷ ଘୋଷ କହିଛନ୍ତି, ଗତ ଶନିବାର ଘଟିଥିବା ଦୁର୍ଘଟଣା ସମ୍ପର୍କରେ ତାଙ୍କୁ କେହି ଜଣାଇନାହାଁନ୍ତି। ଏସମ୍ପର୍କରେ ଜାଣିବାପରେ ଅସୁରକ୍ଷିତ ମୁକୁଳା ଟ୍ରାନ୍ସଫର୍ମର ଚାରିପାର୍ଶ୍ୱରେ ଯୁଦ୍ଧକାଳୀନ ମଧ୍ୟରେ ତାରବାଡ ଦିଆଯିବ ବୋଲି ସେ କହିଛନ୍ତି।

### ଚାଷୀଙ୍କଠାରୁ ଓମ୍‌ଫେଡ୍ ଦୁଗ୍ଧ ସଂଗ୍ରହ କରୁ

ସୁନ୍ଦରଗଡ୍, ୧୦।୧୦ (ଡି.ଏନ୍.ଏ.): ସୁନ୍ଦରଗଡ଼ ଏକ ଆଦିବାସୀବହୁଳ ଓ କୃଷିଭିତ୍ତିକ ଜିଲା। ଏଠାକାର ଲୋକଙ୍କ ଜୀବନଜୀବିକା କୃଷି ଓ ପଶୁପାଳନ। ସୁନ୍ଦରଗଡ଼ର ଅନେକ ଚାଷୀ ଗୋପାଳନ କରି ଦୁଗ୍ଧ ଉତ୍ପାଦନ କରୁଥିଲେ ମଧ୍ୟ ସେମାନଙ୍କ ପାଇଁ ଉପଯୁକ୍ତ ବଜାର ବ୍ୟବସ୍ଥା ନ ଥିବାରୁ ସେମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀ ଚାଷୀମାନଙ୍କ ଠାରୁ ଦୁଗ୍ଧ ସଂଗ୍ରହ ନିମନ୍ତେ ଓମଫେଡ ତରଫରୁ କିଞ୍ଜିର୍ମା, ସାଲେପାଲି, ଲହଣ୍ଡାବୁଡ, କରମଡିହି, ସୁନ୍ଦରଗଡ ଟାଉନ, ମହୁଲପାଲି ଇଣ୍ଡଷ୍ଟ୍ରି, ଲଖନପୁର, କୁଲଟା, ରେମଣ୍ଡା ଓ ଭଷ୍ମାଠାରେ ସ୍ୱତନ୍ତ୍ର କାଉଣ୍ଟର କରାଯିବାକୁ ବିଧାୟିକା କୁସୁମ ଟେଟେ ଦାବି କରିଛନ୍ତି। ଭୁବନେଶ୍ୱରସ୍ଥିତ ଓମଫେଡ୍‌ର ପରିଚାଳନା ନିର୍ଦ୍ଦେଶକଙ୍କୁ ଏକ ପତ୍ରଲେଖି ଦାବି ଜଣାଇଛନ୍ତି। ସୁନ୍ଦରଗଡ଼ ଜିଲାର ଚାଷୀଙ୍କଠାରୁ ଓମଫେଡ୍ ଦୁଗ୍ଧ ସଂଗ୍ରହ କରୁ ବୋଲି ସେ କହିଛନ୍ତି। ଏହା ଦ୍ୱାରା ଅଞ୍ଚଳର ଚାଷୀ ବିଶେଷ ଭାବେ ଉପକୃତ ହେବେ ବୋଲି ସେ ଦାବି କରିଛନ୍ତି।

### ବାଇକରୁ ପଡ଼ି ଜଣେ ମୃତ, ଜଣେ ଆହତ

ଲହୁଣୀପଡ଼ା,୧୦।୧୦(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅନ୍ତର୍ଗତ ରେଙ୍ଗାଲୀ ନିକଟ ପଥରପୁଞ୍ଜି ଗ୍ରାମ ଠାରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟଜଣେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଫୁଲଝର ପଞ୍ଚାୟତ ଭଗବାନ ସାହି ଗ୍ରାମର ଧନିରାମ ମୁଣ୍ଡା (୨୩) ଓ ସିଂରାୟ ମୁଣ୍ଡା(୨୦) ଓଆର ୧୬ଇ_୦୧୭୩ ନମ୍ବର ବାଇକ୍‌ରେ ନିଜ ସମ୍ପର୍କୀୟଙ୍କ ଘର ରେଙ୍ଗାଲୀ ଗ୍ରାମକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିଥିଲେ। ସେଥିରେ ବାଇକ୍ ଚଳାଉଥିବା ଧନିରାମ ଗୁରୁତର ଆହତ ହୋଇ ମୃତ୍ୟୁବରଣ କରିଥିଲେ। ସିଂରାୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ବଣାଇ ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଖବରପାଇ ମହୁଲପଦା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଓ ଶବକୁ ଜବତ କରିଛି।

## କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ପୁରସ୍କାର ଉତ୍ସବ ପାଳିତ

ରାଉରକେଲା ଅଫିସ,୧୦।୧୦

କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ବିଭାଗରେ ଏକ ସ୍ୱତନ୍ତ୍ର ପୁରସ୍କାର ଉତ୍ସବ ଉତ୍କର୍ଷ ସିଜିଏମ୍ ବି.ଏସ୍. କାର୍ତ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୧୦ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରକଳ୍ପ ଆଇଡ଼ି ଫ୍ୟାନ୍ ରିପ୍ଲେସମେଣ୍ଟ ୬.୧ ବିୟରିଙ୍ଗ ପ୍ଲମ୍ବର ବ୍ଲକ ଦ୍ୱାରା ବିଭାଗର ଉତ୍ପାଦନ ଓ କାର୍ଯ୍ୟଦକ୍ଷତାକୁ ଉନ୍ନତି କରିବାରେ ସାହାଯ୍ୟ କରିଥିଲା। ବିଭାଗର ଜିଏମ୍ ଏନ୍. ସି. ପରିଡା, ଆର. ବିଡୁଙ୍ଗେ, ଜେ. ଭି ସିଂ, ବି. ଭି ଦାଶ ଓ ଅନ୍ୟ ବରିଷ୍ଠମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୁରସ୍କୃତ କର୍ମଚାରୀ ଶିବାଜୀ ପଶାୟତ, ପି. କେ ମିଶ୍ର, ଡେଭିଡ ଭାଙ୍ଗା, ରମାକାନ୍ତ ସେଠୀ, ମନୋଜ କୁମାର ନନ୍ଦ, ଭାଗବତ ନାୟକ, ଶିବ ପ୍ରସାଦ ମଲ୍ଲିକ, ବିଜୟ କୁମାର ଦାସ ଆଇଡ଼ି ଫ୍ୟାନ ୬.୧ ବିୟରିଙ୍ଗ ପ୍ଲମ୍ବର ବ୍ଲକ ପ୍ରତିସ୍ଥାପନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ବିଭାଗର ମ୍ୟାନେଜର ପ୍ରବୀଣ କୁମାର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବଜରଙ୍ଗ ଦଳର ବିରୋଧ ପ୍ରଦର୍ଶନ

ସୁନ୍ଦରଗଡ, ୧୦।୧୦ (ଡି.ଏନ୍.ଏ)

କାଶ୍ମୀରଠାରେ ହିନ୍ଦୁମାନଙ୍କର ହତ୍ୟାକୁ ସୁନ୍ଦରଗଡ ଜିଲା ବଜରଙ୍ଗ ଦଳ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ରବିବାର ଏନେଇ ଶୋକ ପ୍ରକାଶ କରାଯିବା ସହ ଆତଙ୍କବାଦ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ସୁନ୍ଦରଗଡ ସମେତ ହେମଗିର ,ଲେଫ୍ରିପଡା, ସବଡେଗା, ବାଲିଶଙ୍କରା, କୁତ୍ରା, ରାଜଗାଙ୍ଗପୁର ଆଦି ବିଭିନ୍ନ ସ୍ଥାନରେ ବଜରଙ୍ଗ ଦଳ ପକ୍ଷରୁ କୁଶପୁତ୍ତଳିକା ଦାହ କରି ପାକିସ୍ଥାନ ପତାକାକୁ ପୋଡି ବିଭିନ୍ନ ନାରା ଦେଇଥିଲେ। ଜିଲା ସଂଯୋଜକ ଅଶୋକ ବାରିକ, ସହସଂଯୋଜକ ମୁକେଶ ପ୍ରଧାନ, ଜିଲା ସୁରକ୍ଷା ପ୍ରମୁଖ ସନ୍ଦୀପ ଦାଶ, ଗୋବିନ୍ଦା ଶାହା, ପିତାମ୍ବର କିଶାନ, ଅମୀର ସାହୁ, ସୁରଜ ମିଶ୍ର, ଆଲୋକ ସାହୁ, କାହ୍ନୁ ଲହରି, ପଣ୍ଡିତ ଜିତେନ୍ଦ୍ର ଶର୍ମା, ରମେଶ ଗର୍ଡିଆ, ଦେବାଶୀଷ ଆପଟ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଏଚ୍‌ଏଡିଟି ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍

ଦେବଗଡ୍,୧୦।୧୦(ଡି.ଏନ.ଏ)

ହରିଜନ ଆଦିବାସୀ ଉନ୍ନୟନ ଟ୍ରଷ୍ଟ (ଏଚ୍‌ଏଡିଟି) ଆନୁକୂଲ୍ୟରେ ଦେବଗଡ ପୌରାଞ୍ଚଳର ଗୋପବନ୍ଧୁ ଛକଠାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ହରିଜନ ଆଦିବାସୀ ଉନ୍ନୟନ ଟ୍ରଷ୍ଟର ପ୍ରତିଷ୍ଠାତା ଟ୍ରଷ୍ଟି ତଥା ସମ୍ପାଦକ ଡ.ଉଇଲିୟମ ହେନେଜଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ ଓ ବାମଣ୍ଡା କ୍ରାନ୍ତି ଏକତା ମଞ୍ଚର ସଭାପତି ବିକାଶ କୁମାର ପ୍ରଧାନ ଯୋଗଦେଇ ଦେବଗଡ ଜିଲାର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହାପରେ ସୋନପୁର ଜିଲାରୁ ଆସିଥିବା ଶାଶ୍ୱତ ସାଂସ୍କୃତିକ ଦଳ ଦ୍ୱାରା ରଙ୍ଗାରଙ୍ଗ ସମ୍ବଲପୁରୀ ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା। ଉଦଘୋଷକ ଭାବେ ଜନ୍ମେଜୟ ନାୟକ ସଂଯୋଜନା କରିଥିଲେ।




ହରିଜନ ଆଦିବାସୀ ଉନ୍ନୟନ ଟ୍ରଷ୍ଟ ଆନୁକୂଲ୍ୟରେ ନୂଆଖାଇ ଭେଟ୍‌ଘାଟ୍।

## ସଙ୍ଗଠନକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ




ଏସ୍‌ସି ମୋର୍ଚ୍ଚା ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।

ଦେବଗଡ଼,୧୦।୧୦ (ଡି.ଏନ.ଏ)

**ଭାଜପା ଏସ୍‌ସି ମୋର୍ଚ୍ଚାର କାର୍ଯ୍ୟକାରିଣୀ ବୈଠକ**

ସ୍ଥାନୀୟ ଆଇଓସିଏଲ୍ କଲ୍ୟାଣ ମଣ୍ଡପଠାରେ ରବିବାର ଭାଜପା ଏସ୍‌ସି ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ପ୍ରଜିତ ଭୋଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁର ଲୋକସଭା ସଦସ୍ୟ ନିତେଶ ଗଙ୍ଗଦେବ, ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଭାଜପା ଏସ୍‌ସି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ବିଭୂପ୍ରସାଦ ତରାଇ, ରାଜ୍ୟ ସାଧାରଣ ସମ୍ପାଦକ ରାଘବ ମଲ୍ଲିକ, ରାଜ୍ୟ ସଂଯୋଜକ ଚନ୍ଦନ ସୁରାଜ, ରାଜ୍ୟ ପ୍ରଭାରୀ ଜୟ ପ୍ରକାଶ, ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ ଓ ଭାଜପା ଏସ୍‌ସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମକରଧ୍ୱଜ ହସ୍ତୀ ଓ ସୁରୁ ପାତ୍ର ପ୍ରମୁଖ ମଞ୍ଚାସୀନ ରହି ସଙ୍ଗଠନକୁ ଅଧିକ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନରେ ଦଳ କିଭଳି ସଫଳତା ଲାଭ କରିବ ସେ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରିଥିଲେ। ସଭା ପ୍ରାରମ୍ଭରେ ଭାଜପା ଏସ୍‌ସି. ମୋର୍ଚ୍ଚାର ଜିଲା ସାଧାରଣ ସମ୍ପାଦକ ଦେବାନନ୍ଦ ନାଏକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା, ଉପସଭାପତି ଶିବା ମୁଖି ଓ ଶତୃଘ୍ନ ପାତ୍ର, ମହାଦେବ ନାଏକ, ସତ୍ୟ ନାଏକ ଓ ଡମ୍ବରୁ ପାତ୍ରଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଅତିଥିମାନେ ସ୍ଥାନୀୟ ପୁରୁଣା ପୋଷ୍ଟ ଅଫିସ ଛକରେ ପହଞ୍ଚିବା ପରେ ସେମାନଙ୍କୁ ଏକ ଶୋଭାଯାତ୍ରାରେ ଆଇଓସିଏଲ୍ କଲ୍ୟାଣ ମଣ୍ଡପ ବୈଠକସ୍ଥଳକୁ ପାଛୋଟି ନିଆଯାଇଥିଲା। ସେଠାରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶେଷରେ ଭାଜପା ମଣ୍ଡଳ ସଭାପତି ଏସ୍‌ସି. ମୋର୍ଚ୍ଚାର ଈଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ

ବ୍ରଜରାଜନଗର, ୧୦।୧୦(ଡି.ଏନ.ଏ.)

ବ୍ରଜରାଜନଗର ସହରାଞ୍ଚଳ କଲ୍ୟାଣମଣ୍ଡପ ଠାରେ ଫଟୋଗ୍ରାଫର ସଂଘ ପକ୍ଷରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି ଅଭୟ ଚରଣ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ କିଶୋର ମହାନ୍ତି ଅତିଥି ଭାବରେ ଯୋଗଦେଇଥିଲେ। ରାଜ୍ୟ ଫଟୋଗ୍ରାଫର ମହାସଂଘର ସଭାପତି ଅତୁଲ ସାଘଭି, ଅତାବିରାରୁ ସଞ୍ଜୟ ରଥ, ମିଡିଆ ପ୍ରଚାରୀ ପ୍ରକାଶ ମହାକୁଡ ରାଜଶମା ଓ ରାଜେଶ ସଂ ପ୍ରମୁଖ ଅତଥି ଭାବରେ ମଞ୍ଚାସୀନ ରହିଥିଲେ। ଜିଲା ସାଧାରଣ ସଂପାଦକ ସୁଜିତ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଫଟୋ ଦୋକାନି ପ୍ରଦୀପ ଶମା ଓ ସାହିତ୍ୟ ସାଧନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା କବି ବ୍ୟାସଦେବ ପଣ୍ଡାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ବେଲପାହାଡ ଓ ବ୍ରଜରାଜନଗର ଅଞ୍ଚଳର କଳାକାର ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିଲେ ଅନ୍ତେବାସୀ

ଝାରସୁଗୁଡା ଅଫିସ୍,୧୦।୧୦

ଝାରସୁଗୁଡା ମିଶନ ଆଶାଲୋକ ଅନ୍ତେବାସୀଙ୍କ ଥଇଥାନ କେନ୍ଦ୍ରରେ ରବିବାର ପିପୁଲ୍ସ ଫୋରମ୍ ଓ ଜିଲା ପ୍ରଶାସନ ତରଫରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ସାହିତ୍ୟିକ, କବି ତଥା ଶିକ୍ଷାବିତ ମନ୍ଦାକିନୀ ଶତପଥୀ, ସାମାଜିକ କର୍ମୀ ତଥା ଶିକ୍ଷାବିତ କବିତା ପଣ୍ଡା ଓ ଜିଲା ଉପଖଣ୍ଡିୟ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମଞ୍ଚରେ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍ସ ଫୋରମ ପଶ୍ଚିମ ଓଡିଶା ଜୋନ୍ ପ୍ରମୁଖ ସଞ୍ଜୟ କୁମାର ଜେଠିଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଏଥିରେ ମିଶନ ଆଶାଲୋକ ଓ ମିଶନ ଆଶ୍ରାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



ଜଣେ ଅନ୍ତେବାସୀ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରୁଛନ୍ତି।

## ନିର୍ବାଚନ ପାଇଁ ଶ୍ରମିକ ସଙ୍ଗଠନ ତତ୍ପର




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଶ୍ରମିକ ନେତୃବୃନ୍ଦ ।

ରାଉରକେଲା ଅଫିସ୍, ୧୦।୧୦

ରାଉରକେଲା ଇସ୍ପାତ କାରଖାନା ଶ୍ରମିକ ସଙ୍ଗଠନର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରାଉରକେଲାର ବିଭିନ୍ନ ଶ୍ରମିକ ସଙ୍ଗଠନ ତତ୍ପର ହୋଇପଡିଛି। ଦେଢ଼ ବର୍ଷ ହେଲା ଶ୍ରମିକ ସଙ୍ଗଠନର ଅବଧି ସରିଯାଇଥିଲେ ମଧ୍ୟ ନିବାଚନ ହେଉ ନ ଥିଲା। ଫଳରେ ରାଉରକେଲା ଶ୍ରମିକ ସଂଘ କୋର୍ଟର ଦ୍ୱାରସ୍ଥ ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏବେ ସ୍ୱୀକୃତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ମଧ୍ୟରେ ଦୁଇ ପ୍ରମୁଖ ଶ୍ରମିକ ସଙ୍ଗଠନ ରାଉରକେଲା ଶ୍ରମିକ ସଂଘ ଏବଂ ଗାଙ୍ଗପୁର ମଜଦୁର ମଞ୍ଚର ମିଶ୍ରଣ ଘଟିଛି। ଏହି ଦୁଇ ଶ୍ରମିକ ସଙ୍ଗଠନ ମିଳିତ ଭାବେ ନିର୍ବାଚନ ଲଢ଼ିବେ ବୋଲି ଜଣାପଡିଛି। ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଉଭୟ ସଂଘ ନୂତନ ମଜୁରୀ ଚୁକ୍ତିନାମା ଦାବିକୁ ଦୋହରାଇଛନ୍ତି। ଏହି ସମ୍ମିଳନୀରେ ଡି.ଏସ୍ ପାନିକର ଜର୍ଜ ତିର୍କୀ, ପ୍ରଶାନ୍ତ ବେହେରା, ସଞ୍ଜୟ ପଣ୍ଡା, ଅକ୍ଷୟ ଜେନା, ଆନନ୍ଦ ଟପ୍ପୋ, ଦିଲୀପ ମହାପାତ୍ର, ଆର.ସି ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନିହାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ହକି ଟୁର୍ନାମେଣ୍ଟ: ଖହପାଣି ଚାମ୍ପିୟନ

କୁତ୍ରା, ୧୦।୧୦(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ନିଖିଳ ଓଡିଶା ଖଡ଼ିଆ ଇଉଡ କ୍ଲବ ପକ୍ଷରୁ ଆୟୋଜିତ ଛଅ ଦିନିଆ ହକି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଫାଇନାଲ ମ୍ୟାଚରେ ଝୁନମୁର ଦଳକୁ ୧-୦ରେ ପରାସ୍ତ କରି ଖହପାଣି ଦଳ ଚାମ୍ପିୟନ ହୋଇଛି। ଏଥିରେ ୬୦ ଟି ଦଳ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୁଆକିମ ଡୁଙ୍ଗଡୁଙ୍ଗ, ସମ୍ମାନିତ ଅତିଥି ଭାବେ ବିରାଜକାନ୍ତ କୁଲୁ, ଫାଦର ପ୍ରଫୁଲ ଡୁଙ୍ଗଡୁଙ୍ଗ, ରାଜେଶ ବିଲୁଙ୍ଗ, ଅନୁପ କୁଲୁ, ବିନୟ କୁଲୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଖହପାଣି ଟିମ୍‌କୁ ଖାସି ସହିତ ସାର୍ଟିଫିକେଟ, ଦ୍ୱିତୀୟ ଝୁନମୁର ଟିମ୍‌କୁ ଖାସି ସହିତ ଜର୍ସି, ତୃତୀୟ କୁତ୍ରା ଚୁନିପଡା ଟିମ୍‌କୁ ଖାସି ସହିତ ସାର୍ଟିଫିକେଟ ଏବଂ ଚତୁର୍ଥ ବାନ୍ସଟୋଲି ଓ ପଞ୍ଚମ କରମଟୋଲି ଟିମକୁ ମଧ୍ୟ ଖାସି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଆୟୋଜକ କମିଟିର ସଭାପତି ଜେବେର କୁଲୁ, ସେକ୍ରେଟାରୀ ପ୍ରକାଶ କୁଲୁ,ପ୍ରତିମା ଡୁଙ୍ଗଡୁଙ୍ଗ, ଅମିତ ସୋରେଙ୍ଗ,ଜୋଷ୍ଟିନ ସୋରେଙ୍ଗ, ସତ୍ୟ ଡୁଙ୍ଗଡୁଙ୍ଗ, ସଲିମ, ସମୀର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପଡ଼ିଆରେ ହକି ଟୁର୍ନାମେଣ୍ଟ ଚାଲିଛି।

## ଗ୍ରାମବାସୀଙ୍କ କିଞ୍ଜିରିକେଲା ଥାନା ଘେରାଉ

ବାଲିଶଙ୍କରା, ୧୦।୧୦ (ଡି.ଏନ୍.ଏ)

**ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଦାବି**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଟାଙ୍ଗରଯୋର ଗ୍ରାମରେ ବାର୍‌ହା ଫାଶରେ ଲଗା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରବିବାର ଗ୍ରାମବାସୀ କିଞ୍ଜିରିକେଲା ଥାନା ଘେରାଉ କରିଥିଲେ।

ଗତ ଅଗଷ୍ଟ ୨୩ ତାରିଖରେ ଗ୍ରାମର ଲଳିନ୍ଦ୍ର କାଲୋ ବାର୍‌ହା ଫାଶରେ ପଡି ମୃତ୍ୟୁବରଣ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ପୋଲିସ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଓଡ଼ିଶା ପ୍ରଗତି ଦଳ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ କିଞ୍ଜିରାକେଲା ଥାନା ଘେରାଉ କରିଥିଲେ। ପରେ ଏହି ମର୍ମରେ ଏକ ଦାବିପତ୍ର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ପ୍ରକାଶ ଯେ, ଓଡ଼ିଶା ପ୍ରଗତି ଦଳ କର୍ମକର୍ତ୍ତା ଓ ଗ୍ରାମବାସୀଙ୍କୁ



ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରବିବାର ଗ୍ରାମବାସୀ ଥାନା ଘେରାଉ କରିଛନ୍ତି।

ନେଇ ପୂର୍ବରୁ ଏକ ବୈଠକ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ସେତେବେଳେ ଥାନା ଘେରାଉ ପାଇଁ ନିଷ୍ପତ୍ତି ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କଲେ ଥାନା ଘେରାଉ ହେବ ଚେତାବନୀ ଦିଆଯାଇଥିଲା।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୧ ଅକ୍ଟୋବର, ୨୦୨୧



## ବନ୍ଧୁ ମିଳନରେ ଛାତ୍ର ଜୀବନର ସ୍ମୃତି ବାଣ୍ଟିଲେ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ନଅଗାଁ(ଖ) ପଞ୍ଚାୟତ ହାଇସ୍କୁଲ ୧୯୭୧ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବୁର୍ଡା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରସାଦ ପଧାନ ଅଧ୍ୟକ୍ଷତା କରିଥିଲେ । ଅଲେଖ ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସୁବଳ ମିଶ୍ର ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ । ନଅଗାଁ, ସାନଟିକା, ବୁର୍ଡା, ବୁଢାପଦର, ଦାସପାଲି, ଦୁମଦୁମି ପ୍ରଭୃତି ଗ୍ରାମର ଏହି ବ୍ୟାଚର ସହପାଠୀମାନେ ଦୀର୍ଘବର୍ଷ ପରେ ଏକାଠି ହୋଇ ସୁଖଦୁଃଖ ବାଣ୍ଟିଥିଲେ । ଅଶୋକ ସା ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୨ ଘଣ୍ଟା ସଇଁତଳା ବନ୍ଦ

ସଇଁତଳା, ୧୦।୧୦ (ଡି.ଏନ.ଏ.)

ସ୍ଥାନୀୟ ହାଟପଦା ସ୍ଥିତ ନବରାତ୍ର ପୂଜା ମଣ୍ଡପ ନିକଟରେ ଶନିବାର ସନ୍ଧ୍ୟାରେ ମହିଳା ଶ୍ରଦ୍ଧାଳୁମାନଙ୍କ ଉପରେ ପୋଲିସ ପ୍ରଶାସନର ଦବଙ୍ଗଗିରିକୁ ବିରୋଧ କରି ରବିବାର ୧୨ ଘଣ୍ଟିଆ ସଇଁତଳା ବନ୍ଦ ପାଳନ କରାଯାଇଥିଲା। ଏହି ବନ୍ଦ ପାଳନ ସମୟରେ ସଇଁତଲାର ସମସ୍ତ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା । ସଇଁତଲା ଦୁର୍ଗା ମଣ୍ଡପରେ ନବରାତ୍ର ଦୁର୍ଗାପୂଜା ଚାଲିଛି। ଶନିବାର ସନ୍ଧ୍ୟା ଆଳତି ସମୟରେ ସଇଁତଳା ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଓ ତହସିଲଦାର ଯୋଗେଶ୍ୱର ଧରୁଆ ପୂଜା ମଣ୍ଡପ ନିକଟରେ ପହଞ୍ଚି ଉପସ୍ଥିତ କେତେକ ମହିଳା ଶ୍ରଦ୍ଧାଳୁଙ୍କୁ ସ୍ଥାନ ଛାଡି ଚାଲିଯିବା ପାଇଁ କହିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଭୟରେ କେତେକ ମହିଳା ଓ ଶିଶୁ ପଳାଇ ଯାଉଥିବା ବେଳେ ଠେଲାପେଲା ହୋଇ ପଡିଯାଇଥିଲେ। ଏହି ଘଟଣାକୁ ନେଇ ସଇଁତଲାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପ୍ରଶାସନ ପୂଜାସ୍ଥଳ ଛାଡି ଚାଲି ଯାଇଥିଲେ । ଘଟଣାକୁ ନେଇ ଥାନା ଅଧିକାରୀ ଓ ତହସିଲଦାରଙ୍କ ବଦଳି ଦାବି ନେଇ ରବିବାର ସକାଳୁ ସଇଁତଳା ବନ୍ଦ ଡାକରା ଦିଆଯାଇଥିଲା । ବନ୍ଦ ପାଳନରେ ଶତାଧିକ ଜନସାଧାରଣ ଥାନା ଘେରାଉ ଓ ଜାତୀୟ ରାଜପଥ ୨୬କୁ ଦୀର୍ଘ ସମୟ ଧରି ଅବରୋଧ କରି ରଖିଥିଲେ । ପରିସ୍ଥିତି ଏପରି ହୋଇଥିଲା ଯେ, ଜିଲାର ଅନ୍ୟ ଅଞ୍ଚଳରୁ ପରେ ଅଧିକ ସଂଖ୍ୟକ ପୋଲିସ ସେଠାରେ ପହଞ୍ଚିଥିଲେ। ସ୍ଥାନୀୟ ହାଟପଦା ଠାରେ ଆୟୋଜିତ ସଭାରେ ପୂଜା କମିଟି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ଗତ କିଛିଦିନ ହେଲା ସଇଁତଳା ଅଞ୍ଚଳରେ ବ୍ୟବସାୟୀଙ୍କ ଉପରେ ଆକ୍ରମଣ, ଲୁଟ, ଚୋରି, ରାହାଜାନୀ, ବୃଦ୍ଧି ପାଉଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ଦୃଢ ପଦକ୍ଷେପ ନିଆଯାଉ ନଥିବାରୁ ପୋଲିସ ପ୍ରତି ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କ ଅସନ୍ତୋଷର ଏହା ପ୍ରତିଫଳନ ବୋଲି ସଇଁତଳା ବ୍ୟବସାୟୀ ସଂଘ ସଭାପତି ତରୁଣ ବେହେରା କହିଛନ୍ତି। ଘଟଣା ସମ୍ପର୍କରେ ଥାନା ଅଧିକାରୀ କିମ୍ବା ତହସିଲଦାରଙ୍କୁ ପଚରାଯାଇଥିଲେ ମଧ୍ୟ ସେମାନେ କୌଣସି ମନ୍ତବ୍ୟ ଦେବାକୁ ମନାକରି ଦେଇଥିଲେ ।


ସଇଁତଲାରେ ବନ୍ଦ ପାଳନ ବେଳେ ଆହୂତ ସଭାରେ ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

### କବିତା ପୁସ୍ତକ ନେପଥ୍ୟେ ନାୟିକା ଉନ୍ମୋଚିତ

ବେଲପଡା,୧୦।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ସମଲେଶ୍ୱରୀ ମନ୍ଦିର ପରିସରସ୍ଥରେ ରବିବାର ଡାକ୍ତର ସୁମନ୍ତ ପାଢୀଙ୍କ ଲିଖିତ କବିତା ପୁସ୍ତକ ନେପଥ୍ୟେ ନାୟିକା ଉନ୍ମୋଚିତ ହୋଇଯାଇଛି । ଡାକ୍ତର ରବୀନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡକ୍ଟର ଗୋବର୍ଦ୍ଧନ ନାୟକ, ମୁଖ୍ୟବକ୍ତା ନିରଞ୍ଜନ ବେହେରା, ସମ୍ମାନିତ ଅତିଥି ଅଧାପକ ମନୋଜ ମହାଖୁଡ, ଡାକ୍ତର ଅମର ମିଶ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ସୁରେଶ ମେହେର ପରିଚାଳନା କରିଥିଲେ ।

### ଗାଁ ଶ୍ମଶାନ ସଫା କଲେ ଯୁବଗୋଷ୍ଠୀ

କୋକସରା,୧୦।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମା କୋକସରା ସ୍ପୋର୍ଟସ କ୍ଲବ ଯୁବଗୋଷ୍ଠୀ ରବିବାର ଗାଁ ଶ୍ମଶାନ ସଫେଇ କରିଛନ୍ତି। ଏହି ଶ୍ମଶାନ ଅନେକ ବର୍ଷ ହେବ ଅନାବନା ଗଛ, ଲତାବୁଦା ସହ ଆବର୍ଜନାରେ ଭର୍ତ୍ତି ରହିଥିଲା। କାହାର ମୃତ୍ୟୁ ହେଲେ ଶ୍ମଶାନରେ ଦାହ ସଂସ୍କାର କରିବା ସମୟରେ ପରିଜନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ଶ୍ମଶାନ ଚାରିପଟେ ପାଚେରୀ ନ ଥିବାରୁ ଅନେକ ଅସୁବିଧା ହେଉଥିଲା। କୋକସରା ସ୍ପୋର୍ଟସ କ୍ଲବ ସଭାପତି ମୋହନ ନାଏକଙ୍କ ନେତୃତ୍ୱରେ କ୍ଲବ ସଦସ୍ୟ କ୍ଷୀରସିନ୍ଧୁ ନେଗି, ସିଦ୍ଧାର୍ଥ ଶଙ୍କର ପ୍ରଧାନୀ, ଜିତାମିତ୍ର ପ୍ରଧାନୀ, ସୁନିଲ ପ୍ରଧାନୀ, ରାଜେନ୍ଦ୍ର ଶବର, କିଶନ ନାଏକ, ଧିରଜ ନାଏକ ସମେତ ଅନ୍ୟ ଯୁବକମାନେ ରଫା କରିଥିଲେ। ଯୁବକମାନଙ୍କ ଏହି କାମକୁ ଗ୍ରାମବାସୀ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ନୂଆପଡ଼ା ଅଫିସ,୧୦।୧୦: ନୂଆପଡା ସଦର ଦିଆନମୁଣ୍ଡା ଛକ ନିକଟ ଏକ ବରଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ରବିବାର ସଦର ପୋଲିସ ଜବତ କରିଛି। ମୃତକ ହେଲେ ସଦର ଥାନା କରଚୁଲ ଗାଁର ହସରଥ ଶବର (୨୨)। ସୂଚନା ଯେ, ସକାଳୁ ନୂଆପଡା ଦିଆନମୁଣ୍ଡା ରାସ୍ତା ନାଳ ଉପରେ ଥିବା ବରଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ସକାଳେ ଶୌଚ ପାଇଁ ଯାଇଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ହସରଥଙ୍କ ମାମୁଁ ଘର ଦିଆନମୁଣ୍ଡାରେ ଥିବାରୁ ସେଠାରେ ରହି ଦିନ ମଜୁରିଆ ଭାବେ କାମ କରୁଥିଲେ। କେଉଁ କାରଣରୁ ହସରଥ ଆତ୍ମହତ୍ୟା କଲେ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ପୋଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୬୪/୨୧) ରୁଜୁ ହୋଇଛି।

### ବୁଢ଼ିଆଇ ଫୁଟବଲ: ମାକରଚୁଆଁ ଚାମ୍ପିୟନ

ଦେଓଗାଁ,୧୦।୧୦(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଖେଳପଡିଆରେ ଚାଲିଥିବା ପ୍ରଥମ ବୁଢ଼ିଆଇ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଘୁଟିପାଲି ଓ ମାକରଚୁଆଁ ମଧରେ ଅନୁଷ୍ଠିତ ଫାଇନାଲ ଖେଳ ବରାବର ରହିବାରୁ ଟାଇବ୍ରେକର ଜରିଆରେ ମାକରଚୁଆଁ ଦଳ ୪-୩ଗୋଲରେ ବିଜୟୀ ହୋଇଥିଲା ଶରତ କୁମାର ପୁଟେଲଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର,ସମ୍ମାନୀତ ଅତିଥି ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି କୃଷ୍ଣ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ । ଚନ୍ଦ୍ରପୁର ବୁଢ଼ିଆଇ ଫୁଟବଲ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

### ମା' ସମଲେଶ୍ୱରୀଙ୍କ ଛତର ଯାତ୍ରା

ଗୁଡଭେଲା,୧୦।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷରା ସହରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଛତର ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ପୂଜକ ଗୋପାଳ ଭୋଇଙ୍କ ଘରେ ପୂଜାର୍ଚ୍ଚନା ପରେ ଛତର ବାହାରି ମାଙ୍କ ମନ୍ଦିର ବିଜେ କରିଥିଲା। କୋଭିଡ କଟକଣାକୁ ଅନୁସରଣ କରି ପୂଜା କାର୍ଯ୍ୟ ସମ୍ପାଦିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ନେତାଜୀ ସଂଗ୍ରାମୀ ପରିଷଦ ପାଳିଲା ବଲାଙ୍ଗୀର ଦିବସ



ବ୍ରଜବିହାରୀ ଜୟନ୍ତୀରେ ମଞ୍ଚାସୀନ ଅତିଥି ।

ବଲାଙ୍ଗୀର ଅଫିସ, ୧୦।୧୦

### ବ୍ରଜବିହାରୀ ଥିଲେ ଅସ୍ମିତାର ପ୍ରତୀକ

ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ବେଦବିଦ୍ୱାନ, ଦାର୍ଶନିକ ବ୍ରଜବିହାରୀ ବହିଦାରଙ୍କ ୧୦୨ତମ ଜୟନ୍ତୀ ଉତ୍ସବକୁ ବଲାଙ୍ଗୀର ଦିବସ ଭାବେ ରବିବାର ପାଳନ କରାଯାଇଥିଲା। ପରିଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ଅତିଥି ଆଲୋଚକଭାବେ ରାଜେନ୍ଦ୍ର କଲେଜ ପୂର୍ବତନ ଅଧକ୍ଷ ଡ. ଅଭିମନ୍ୟୁ ମିଶ୍ର, ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ଆଡମିନିଷ୍ଟ୍ରେସନ୍‌ର ସହକାରୀ ପ୍ରଫେସର ଡ. ସୁଜିତ କୁମାର ପୃଷେଠ୍, ଗଣମାଧ୍ୟମ ପ୍ରତିନିଧି ଅଖିଳ ଚନ୍ଦ୍ର ହୋତା ଏବଂ ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦେଇଥିଲେ। ଅତିଥିମାନେ ବ୍ରଜବିହାରୀଙ୍କ ସାହିତ୍ୟ କୃତି ଏବଂ ବଲାଙ୍ଗୀର ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚମର କଳାକାରମାନେ ବାଦ୍ୟ ବିଚିତ୍ରା ପରିବେଷଣ କରିଥିଲେ। ପରିଷଦ ଆବାହକ ବୀରେନ୍ଦ୍ର କୁମାର ବନ୍ଛୋର ପ୍ରାରମ୍ଭିକ ସୂଚନା ଦେଇ ଦାର୍ଶନିକ ବ୍ରଜବିହାରୀଙ୍କ ଜନ୍ମଦିନକୁ ବଲାଙ୍ଗୀର ଦିବସ ରୂପେ ପ୍ରତ୍ୟେକ ବର୍ଷ ପାଳନ କରିବାକୁ ଉପସ୍ଥିତ ଶ୍ରୋତାମଣ୍ଡଳୀଙ୍କୁ ନିବେଦନ କରିଥିଲେ।

ସଭାପତୀୟ ଅଭିଭାଷଣରେ ପରିଷଦ ସଭାପତି ପଟ୍ଟନାୟକ ମହାନ ଦାର୍ଶନିକଙ୍କୁ ମନେ ପକାଇବା ପାଇଁ ବଲାଙ୍ଗୀର ଦିବସର ପରିକଳ୍ପନା ବୋଲି କହିଥିଲେ। ଅତିଥିମାନେ ବ୍ରଜବିହାରୀ କିଭଳି ଭାରତୀୟ ଦର୍ଶନ ଓ ଅଧ୍ୟାତ୍ମ ଚିନ୍ତନ ଉପରେ କଲମ ଚାଳନା କରି ବଲାଙ୍ଗୀର ମାଟିକୁ ଧନ୍ୟ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ବ୍ରଜବିହାରୀ ଆମର ଅସ୍ମିତାର ପ୍ରତୀକ ବୋଲି କହିଥିଲେ। ଆଲୋଚକ ଡ. ପୃଷେଠ୍ ତାଙ୍କ ବକ୍ତବ୍ୟରେ ବ୍ରଜବିହାରୀଙ୍କ ସମ୍ମାନରେ ଏକ ଡାକ ଟିକଟ ପ୍ରକାଶନ, ବଲାଙ୍ଗୀର-ଖୋର୍ଦ୍ଧା ରେଳପଥରେ ଚାଲିବାକୁ ଥିବା ଟ୍ରେନ୍‌କୁ ବ୍ରଜବିହାରୀ ଏକ୍ସପ୍ରେସ୍ ଭାବେ ନାମକରଣ କରିବା ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ବ୍ରଜବିହାରୀ ଚେୟାର ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଅଧାପକ କିଶୋର ପାଣିଗ୍ରାହୀ, ଆକ୍ସନ କମିଟି ସଭାପତି ଗୋପାଲଜୀ ପାଣିଗ୍ରାହୀ ଓ ଟଙ୍ଗିଆ ଜାମ୍‌ର ଅଧକ୍ଷ ଗୋପାଳ ହୋତା ବଲାଙ୍ଗୀର ଦିବସର ଯଥାର୍ଥତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କବି ରତ୍ନମୟ ତ୍ରିପାଠୀ ପ୍ରାରମ୍ଭରେ ଅତିଥି ପରିଚୟ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସାରସ୍ୱତ କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଉପସ୍ଥିତ ଥିଲେ।

## ଡ୍ରାଇଭର ସଂଘ ସାଧାରଣ ବୈଠକ, କର୍ମକର୍ତ୍ତା ଚୟନ

କୋକସରା,୧୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ଓ ଲଡୁଗାଁଠାରେ ରବିବାର ପଞ୍ଚାୟତସ୍ତରୀୟ ଡ୍ରାଇଭର ସଂଘ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କାଉଡୋଲା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ତୁଲାରାମ ନାଏକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଲୁଲୁ ଯାଦବ, ମୁଖ୍ୟବକ୍ତା ଭାବେ ବ୍ଲକ ଡ୍ରାଇଭର ସଂଘ ଏଡମିନ ଟଇ ଗୋପାଳ, ସମ୍ମାନିତ ଅତିଥି ଚନ୍ଦ୍ରମଣି ନାଗ, ଜଗନ୍ନାଥ ଦଳପତି, ନରେନ୍ଦ୍ର ବାଗ, କମଳ ରାଉତ, ଘନ କୁଏଡ଼ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କାଉଡୋଲା ପଞ୍ଚାୟତସ୍ତରୀୟ ଡ୍ରାଇଭର ସଂଘ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ତୁଳରାମ ନାଏକ, କୋଷାଧ୍ୟକ୍ଷ ଦେବେନ୍ଦ୍ର ବାଗ, ସାଧାରଣ ସମ୍ପାଦକ ଶରତ ଗୋପାଳ ଓ ସହସମ୍ପାଦକ ଭାବେ ବେଲାଲ ମାଝିଙ୍କୁ ମନୋନୀତ କରାଯାଇଛି। ସେହିପରି ଲଡୁଗାଁରେ ଡ୍ରାଇଭର ସଂଘ ସଭାରେ ମୁଖ୍ୟଅତିଥି ଭାବେ ଖଗେଶ୍ୱର ଚୈଧୁରୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଶତ୍ରୁଘନ ପଟେଲ, ବ୍ଲକ ଡ୍ରାଇଭର ସଂଘ ଏଡ଼ମିନ ଟଇ ଗୋପାଳ, ଗମ୍ଭାରୀଗୁଡା ଡ୍ରାଇଭର ସଂଘ ସଭାପତି ଜଗନ୍ନାଥ ଦଳପତି, ବରାଡଙ୍ଗା ସଭାପତି କମଲ ରାଉତ, ଶରତ ଚନ୍ଦ୍ର ଗୋପାଳ, ଉପେନ୍ଦ୍ର ଦାସ, ବରିଷ୍ଠ ଡ୍ରାଇଭର ସୁଧିର ପାଢୀ, ଶରତ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା ଏବଂ ଆଗମୀ ଦିନରେ ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଲଡୁଗାଁ ପଞ୍ଚାୟତସ୍ତରୀୟ ଡ୍ରାଇଭର ସଂଘ ନୂତନ ସଭାପତି ଭାବେ ଭଗବାନ ପଟ୍ଟନାୟକ, ଉପସଭାପତି ଉମେଶ ଗୋପାଳ, ସମ୍ପାଦକ ଧନସିଂ ଛତ୍ରିଆ, କୋଷାଧ୍ୟକ୍ଷ ଭାବେ କିଶନ ମାଝିଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ପଞ୍ଚାୟତସ୍ତରୀୟ ଡ୍ରାଇଭର ସଂଘ ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ।


ବୈଠକରେ ଯୋଗଦେଇଥିବା ପଞ୍ଚାୟତସ୍ତରୀୟ ଡ୍ରାଇଭର ସଂଘ କର୍ମକର୍ତ୍ତା।

## ରାସ୍ତା ଶୋଚନୀୟ, ଯାତାୟାତରେ ସମସ୍ୟା

ରୁପ୍ରାରୋଡ,୧୦।୧୦(ଡି.ଏନ.ଏ.)

କଳାହାଣ୍ଡି ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରାରୋଡ ପିଡକ୍ଷୁଡି ରାସ୍ତାରୁ ଭୀମକେଲା ଓ ରୁପ୍ରାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତାର ବିଭିନ୍ନ ସ୍ଥାନ ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଲାଖଗୁଡା ବୁଲାଣି ପାଖରେ ବିବାଦ ଥିବା ବେଳେ ଏଠାରେ ପ୍ରାୟ ୧୦୦ ମିଟର ରାସ୍ତା କାମ ହୋଇ ନ ପାରି ପଡ଼ି ରହିଛି। ସେହିପରି ପଲସାପଡା ଗାଁ ନିକଟରେ ପୁଣି ୧୦୦ ମିଟର ରାସ୍ତା ମଧ୍ୟ ବିବାଦୀୟ ହୋଇପଡିଥିବା ଯୋଗୁ ରାସ୍ତା ନିର୍ମାଣ ହୋଇନାହିଁ। ଏସବୁ ସ୍ଥାନରେ ଅନେକ ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି। ସେହିପରି ଭୀମକେଲାସ୍ଥିତ ବିଷ୍ଣୁ ମନ୍ଦିର ପାଖରେ ସିମେଣ୍ଟ କଂକ୍ରିଟ ରାସ୍ତା ଉପରେ ପାଣି ଜମି ରହି କୃତ୍ରିମ ହ୍ରଦ ସୃଷ୍ଟି କରିଛି। ଏସବୁ ସମସ୍ୟା ଦୀର୍ଘ ବର୍ଷର ହୋଇଥିଲେ ମଧ୍ୟ କୌଣସି ସମାଧାନ ହେଉ ନ ଥିବାରୁ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।



## ମାଲପଡ଼ା ଖଦ୍ୟୋତ ଅନୁଷ୍ଠାନର ବୈଠକ

ବଲାଙ୍ଗୀର ଅଫିସ, ୧୦।୧୦

ମାଲପଡା ସ୍ଥିତ ଖଦ୍ୟୋତ ସାମାଜିକ ସାଂସ୍କୃତିକ ଅନୁଷ୍ଠାନର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଆକୁଳ ବେହେରା ସ୍ୱାଗତ ଅଭିଭାଷଣ ରଖିଥିଲେ। ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା । ସାଂସ୍କୃତିକ କାର୍ଯକ୍ରମରେ ନୂଆଁଖାଇ ଭେଟଘାଟ ସହ ବିଭିନ୍ନ ପ୍ରତିଯୋଗିତା କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କଳାକାରମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିବା ପାଇଁ ସ୍ଥିରୀକୃତ ହୋଇଥିଲା । ଏହି ସଭାରେ ଉପସଭାପତି ରବିଚନ୍ଦ୍ର ପଶାୟତ ସଭା ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ରାଜେଶ ପାଣିଗ୍ରାହୀ, ଉପଦେଷ୍ଟା ଛାୟାକାନ୍ତ ସାହୁ, ସାଙ୍ଗଠନିକ ସମ୍ପାଦକ ଆନନ୍ଦ ଚନ୍ଦ୍ର ବଡପଣ୍ଡା ମଞ୍ଚାସୀନ ହୋଇଥିଲେ।



ଖଦ୍ୟୋତ ଅନୁଷ୍ଠାନର ସାଧାରଣ ବୈଠକରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

## ଥୁପାଖୋଲ ବିକାଶ ପରିଷଦ ପ୍ରଥମ ଅଧିବେଶନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବିକାଶ ପରିଷଦ ବୃନ୍ଦ।

ନୂଆପଡ଼ା ଅଫିସ,୧୦।୧୦

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଥୁପାଖୋଲ ପର୍ଯ୍ୟଟନସ୍ଥଳୀଠାରେ ସ୍ୱଚ୍ଛତା ଓ ସାମାଜିକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଥୁପାଖୋଲ ବିକାଶ ପରିଷଦର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ବିରେନ୍ଦ୍ର ଖମାରୀ ସଭାପତିତ୍ୱ କରିଥିବା ବେଳେ ମହେନ୍ଦ୍ର ସୁନାନୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଜେଡି ଜିଲା ସାଦାରଣ ସମ୍ପାଦକ ଲମ୍ବୋଦର ନିଆଲ ମୁଖ୍ୟଅତିଥି ଏବଂ ପୂର୍ବତନ ଜିଲା ପରିଷଦ ଅଧକ୍ଷା ପୁଷ୍ପାଞ୍ଜଳୀ ପାଣ୍ଡେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସିନାପାଲି ବ୍ଲକ ଅଧକ୍ଷ ବୈଷାମ୍ପାୟନ ମେହେର, ଭୀଷ୍ମରାଜ ସୁନାନୀ, ମନ୍ଦାକିନୀ ବଘେଲ, ମମତା ମଞ୍ଜରୀ ଥପା, ଜୟରାମ ମାଝି, ଦୈତାରୀ ମେହେର, ଗରୁଡ ବେହେରା, କମଲେସ ଅଗ୍ରୱାଲ, ଗଣେଶ ପୋଡ, ଉଜଳ ସିଂ ମାଝି, ମାଳତି ସାହୁ, ତୁଲସିରାମ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ପାରିପାର୍ଶ୍ୱିକସ୍ଥିତି ଅନୁଧାନ କରିଛନ୍ତି। ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଉଛି ଥୁପାଖୋଲ ପର୍ଯ୍ୟଟନସ୍ଥଳୀ। ଏହାର ବିକାଶ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ତଥା ଯୁବବର୍ଗଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏହାର ବିକାଶ ପାଇଁ ଆଗକୁ ପଦକ୍ଷେପ ନେଇ କାର୍ଯ୍ୟ ତ୍ୱରାନିତ କରାଯିବା ସହ ସର୍ବପ୍ରଥମେ ଏକ ରାସ୍ତା ନିର୍ମାଣ ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜଗଦୀଶ ମାଝି, ସରସ୍ୱତୀ ବାଗ, ପ୍ରଦୀପ ପ୍ରଧାନ,ଗଙ୍ଗାରାମ ମାଝି, ପୁରୁଷମ ମାଝି, ଗୁଣଧର ମାଝି, ଭଗବାନ ମାଝି, ପଦଭ ଚରଣ ମାଝି, ମିଥୁନ ବାଗ, ନିଖିଳ ମେହେର, ଲୋକନାଥ ଛତ୍ରିଆ, ଭୁବନେଶ୍ୱର ମାଝି, ସଞ୍ଜୟ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ଲୋଇସିଂହା,୧୦।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଗଲପୁର ବ୍ଲକ ନଅଗାଁ(କ)ଗ୍ରାମରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ରବିବାର ପାଳିତ ହୋଇଯାଇଛି। ସଭାରେ ଆଇନଜୀବୀ ରାଜକିଶୋର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ସମିତି ଅଧ୍ୟକ୍ଷା ତଥା ପ୍ରଥମ ଶ୍ରେଣୀ ବିଚାର ବିବାଗୀୟ ମାଜିଷ୍ଟ୍ରେଟ ସ୍ୱଜାଳି ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷା ମହାନ୍ତି ବ୍ୟକ୍ତିର ମାନସିକ ସ୍ୱସ୍ଥତା ପାଇଁ କେଉଁ ସବୁ ପଦକ୍ଷେପ ନିଆଯିବା ଉଚିତ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହାବାଦ ମାଗଣା ଆଇନ ସେବା ସମ୍ପର୍କରେ ବୁଝାଇବା ସହ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ କର୍ମକର୍ତ୍ତା, କୋର୍ଟ କର୍ମଚାରୀ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ । ସମିତି ସଦସ୍ୟ ବିବୁଲ ମହାକୁର ସଭା ପରିଚାଳନା କରିଥିଲେ ।

## ଫୁଟବଲ ଟୁର୍ନାମେଣ୍ଟ: ବାହାବଲ, କଲଟିକଚା ବିଜୟୀ

ବେଲପଡା,୧୦।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ଜୟବୀର କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଗିରିଗୋବର୍ଦ୍ଧନ ଖେଳପଡିଆରେ ରବିବାର ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ ବାହାବଲ ଓ ମଣ୍ଡଳ ମଧ୍ୟରେ ହୋଇଥିଲା। ବହାବଲ ୧-୦ ଗୋଲରେ ବଜୟୀ ହୋଇଥିଲା । ଦ୍ୱିତୀୟ ଖେଳ ପଲସାପଡା ବନାମ କଲଟିକଚାର ମଧ୍ୟରେ ହୋଇଥିଲା। ପେନାଲଟି ସୁଟ ଆଉଟ୍‌ରେ କଲଟିକଚାର ଦଳ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟକୁ ଆସ୍ଥା ପବ୍ଲିକ ସ୍କୁଲ ଚେୟାରମ୍ୟାନ ଶଙ୍କର ପ୍ରସାଦ ଜୈନ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଆନନ୍ଦ କୁମାର ଜୈନ, ହରିରାମ ଅଗ୍ରୱାଲ, ସୀମାଞ୍ଚଳ ପଣ୍ଡା, ଦାରାସିଂ ପୁଟେଲ ଯୋଗ ଦେଇଥିଲେ। କ୍ଲବ ସଭାପତି ହରିଶ ବୁଡେକ, ସମ୍ପାଦକ ନରୋତ୍ତମ ସେଠ, ଆଲୋକ ବେହେରା, ପିଣ୍ଟୁ ଅଗ୍ରାଓାଲ ଓ କ୍ଲବ ସଦସ୍ୟ ଏଥିରେ ସହଯୋଗ କରୁଛନ୍ତି। ସୋମବାର ସୁଲେକେଲା ବନାମ ବେଲପଡା ଓ କାନୁଟ ବନାମ ମଧ୍ୟପୁର ମଧ୍ୟରେ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ ।

## ସମ୍ପନ୍ନ ହେଲା କରମସାନି ମହୋତ୍ସବ

ଲୋଇସିଂହା,୯।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଗ୍ରାମରେ ତୃତୀୟା ତିଥିରେ କରମସାନୀ ଉତ୍ସବ ଶନିବାର ପାଳିତ ହୋଇଯାଇଛି । ଗ୍ରାମ ଜଗନ୍ନାଥ ପରିଷଦ ଆନୁକୂଲ୍ୟରେ ଜଗନ୍ନାଥ ପଡାଠାରେ ଅନୁଷ୍ଠିତ ୧୭ତମ ମହୋତ୍ସବରେ ଯୋଗୀମଠ, ଭାଲୁପାଲି, ଫାସଡ ଓ ସରଗଡା କରମାସନୀ ଦଳ କଳା ପ୍ରଦର୍ଶନ କରିଥିଲେ । କୃଷ୍ଣଚନ୍ଦ୍ର ପଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ରାଜକିଶୋର ସେଠ, ନାରାୟଣ ବାରିକ, ଗଜିନ୍ଦ୍ର ସେଠ ଓ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ ।

## ସାଇକେଲରୁ ଖସି ପଡ଼ିଲେ, ଚାଲିଗଲା ଜୀବନ

ଲୋଇସିଂହା,୧୦।୧୦(ଡି.ଏନ.ଏ)

ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥର ଛୁଇବନ୍ଧଠାରେ ରବିବାର ସାଇକେଲରୁ ଖସି ପଡି ଯାଇଛି ଜଣକଙ୍କ ଜୀବନ। ମୃତକ ହେଲେ ଲୋଇସିଂହା ଥାନା ଅନ୍ତର୍ଗତ ବାରଡୁଲ ଗ୍ରାମର ଭ୍ରମର ନାଗ(୪୮)। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି । ସବୁଦିନ ପରେ ଭ୍ରମର ସାଇକେଲରେ ଯୋଗେ ବଲାଙ୍ଗୀର ସହରକୁ କାମ କରବାକୁ ଯାଉଥିଲେ। ବାଟରେ ଛୁଇବନ୍ଧଠାରେ ହଠାତ୍ ସେ ସାଇକେଲ ସହ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ । ଘରେ ତାଙ୍କ ସ୍ତ୍ରୀ ଓ ପିଲା ଅଛନ୍ତି। ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୧ ଅକ୍ଟୋବର, ୨୦୨୧



## ଟମାଟୋ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ବାଉଁଶୁଣୀ (ଡି.ଏନ.ଏ.): ରବିବାର ୫୭ ନଂ ଜାତୀୟ ରାଜପଥର ବାଉଁଶୁଣୀ ଥାନା ଗୁହିରା ଜୋର୍ ନିକଟରେ ଏକ ପିକ୍ଅପ ଗାଡି ଓଲଟି ପଡିଛି। ସୂଚନା ଅନୁଯାୟୀ, ଭୋର ସମୟରେ ଟମାଟୋ ବୋଝେଇ ଏକ ପିକ୍ଅପ (ଓଡି୧୭ ଜେ ୪୮୧୦) ମନମୁଣ୍ଡା ପଟରୁ ବୌଦ୍ଧ ଆଡକୁ ଆସୁଥିବା ସମୟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଗାଡିର ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ବାଉଁଶୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# 'ଚାଷୀ ଆନ୍ଦୋଳନକୁ ଦମନ କରିପାରିବେନି'

ବରଗଡ଼ ଅଫିସ୍,୧୦।୧୦

ବରଗଡ଼ ବ୍ଲକ ଅନ୍ତର୍ଗତ ତାଳଶ୍ରୀଗିଡ଼ାରେ ଜୟ କିଷାନ ଆନ୍ଦୋଳନ ପକ୍ଷରୁ ବ୍ଲକସ୍ତରୀୟ ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚାଷୀନେତା ଅରୁଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ଯୋଗଦେଇ କେନ୍ଦ୍ର ସରକାରଙ୍କ ୩ କୃଷି ଆଇନକୁ କଳା ଆଇନ ଭାବେ ଅଭିହିତ କରିଥିଲେ। ଏହା ସହିତ ଏହି କୃଷି ଆଇନ ପ୍ରତିବାଦରେ ଦେଶବ୍ୟାପୀ ଚାଲିଥିବା ଚାଷୀ ଆନ୍ଦୋଳନ ଉପରେ ସେ ସୂଚନା ଦେଇଥିଲେ। କେନ୍ଦ୍ର ସରକାର ଚାଷୀଙ୍କ ଆନ୍ଦୋଳନକୁ ଦମନ କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ମାତ୍ର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କେହି ଆନ୍ଦୋଳନକୁ ଦମନ କରିପାରିବେ ନାହିଁ ବୋଲି ସେ ସୂଚାଇ ଦେଇଥିଲେ।

ଲିଙ୍ଗରାଜ ଆହୁରି କହିଥିଲେ, ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୧ରେ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି)କୁ ଆଇନଗତ ମାନ୍ୟତା ଦେବା ପାଇଁ ଦାବି କରୁଥିଲେ। ମାତ୍ର ଏବେ ମୋଦି ନିଜେ ପ୍ରଧାନମନ୍ତ୍ରୀ ଥିବାବେଳେ ଏମ୍ଏସ୍ପିକୁ ଆଇନଗତ ମାନ୍ୟତା ଦେବା ବଦଳରେ ପୁଞ୍ଜିପତିଙ୍କ ହିତ ପାଇଁ କୃଷି ଆଇନ ଆଣିବା ଘଟଣାରୁ ଚାଷୀଙ୍କ ପ୍ରତି ତାଙ୍କ ଆନ୍ତରିକତା ପଦାରେ ପଡ଼ିଯାଇଛି ବୋଲି ସେ କହିଥିଲେ।

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୧୨ତାରିଖରେ ଦିଆଯାଇଥିବା ଆନ୍ଦୋଳନ ଡାକରାକୁ ସମର୍ଥନ କରି ବରଗଡ଼ ଜିଲାରେ ମହମବତୀ ଶୋଭାଯାତ୍ରା କରିବା ପାଇଁ ସମ୍ମିଳନୀରେ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ବରଗଡ଼ ବ୍ଲକସ୍ତରୀୟ ୯ଜଣିଆ କମିଟି ଗଠନ କରାଯାଇଥିଲା। ଏଥିରେ ସରୋଜ ପ୍ରଧାନ ସଭାପତି, ସଦାନନ୍ଦ ସାହୁଙ୍କୁ ସମ୍ପାଦକ ମନୋନୀତ କରାଯାଇଥିଲା। ଚାଷୀନେତା ଶିବ ପ୍ରସାଦ ପ୍ରଧାନ, ସୁଶୀଲ କୁମାର ସାହୁ, ହର ବଣିଆଁ, ପ୍ରଫୁଲ୍ଲ ସାହୁ, ଅରୁଣ ପ୍ରଧାନ, ମହେଶ୍ୱର ପ୍ରଧାନ, ମୁନକୁ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବରଗଡ଼ ବ୍ଲକ ତାଳଶ୍ରୀଗିଡ଼ାରେ ଅନୁଷ୍ଠିତ ସମ୍ମିଳନୀରେ ଉପସ୍ଥିତ ଚାଷୀ ପ୍ରତିନିଧିବୃନ୍ଦ।

**ସମ୍ମିଳନୀରେ ଚାଷୀନେତାଙ୍କ ମତ**

## ସଂକ୍ଷେପରେ

### ସ୍କନ୍ଦମାତା ବେଶରେ ସମଲେଶ୍ୱରୀ



ବରଗଡ଼ ଅଫିସ୍,୧୦।୧୦: ବରଗଡ଼ ସହର ସ୍ଥିତ ସମଲେଶ୍ୱରୀ ମନ୍ଦିର ସମେତ ଅନ୍ୟ ଶକ୍ତିପୀଠ ଗୁଡ଼ିକରେ ଶାରଦୀୟ ନବରାତ୍ର ପୂଜା ଚାଲିଛି। ଏହି କ୍ରମରେ ରବିବାର ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ଦେବୀ ସ୍କନ୍ଦମାତା ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ ଓ ଉପାସନା କଲେ ଭକ୍ତଙ୍କ ସକଳ ଇଚ୍ଛା ପୂରଣ ହେବା ସହିତ ମୃତ୍ୟୁଲୋକରେ ମଧ୍ୟ ତାଙ୍କୁ ପରମ ଶାନ୍ତି ଓ ସୁଖ ପ୍ରାପ୍ତି ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ଦେବୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ସକାଳୁ ଭକ୍ତମାନେ ମନ୍ଦିର ସମ୍ମୁଖରେ ଲମ୍ବାଧାଡ଼ିରେ ଛିଡ଼ା ହୋଇଥିଲେ। କୋଭିଡ୍ କଟକଣା ମାନି ଭକ୍ତମାନେ ସମଲେଶ୍ୱରୀ ଦେବୀଙ୍କୁ ସ୍କନ୍ଦମାତା ବେଶରେ ଦର୍ଶନ ସହିତ ଆଶିଷ ଲୋଡ଼ିଥିଲେ।

### ଚୋରକୁ କାବୁ କରି ପୋଲିସ ଜିମା ଦେଲେ ଗ୍ରାମବାସୀ

ବାଉଁଶୁଣୀ,୧୦।୧୦(ଡି.ଏନ.ଏ.): ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅନ୍ତର୍ଗତ ଠେଲକୋବେଡା ଗ୍ରାମରେ ଚୋରି କରିବାକୁ ଆସିଥିବା ୨ଚୋରଙ୍କ ମଧ୍ୟରୁ ଜଣକୁ ଗ୍ରାମବାସୀ ଧରି ପୋଲିସ ଜିମା ଦେଇଛନ୍ତି। ପ୍ରକାଶ ଯେ, ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ଠେଲକୋବେଡା ଗ୍ରାମକୁ ଶନିବାର ରାତି ପ୍ରାୟ ଅଢେଇଟା ସମୟରେ ୨ଜଣ ଚୋର ଆସି ଗୋଟିଏ ଟ୍ରାକ୍ଟରରୁ ବ୍ୟାଟେରି ଚୋରି କରୁଥିବା ବେଳେ ଗାଁ ଲୋକଙ୍କ ହାବୁଡରେ ପଡ଼ିଥିଲେ। ତେବେ ଅନ୍ଧାରର ସୁଯୋଗ ନେଇ ଜଣେ ଫେରାର ହୋଇ ଯାଇଥିବା ବେଳେ ଅନ୍ୟ ଜଣଙ୍କୁ ଗ୍ରାମବାସୀ କାବୁ କରି ମାଡ ମାରିବା ସହ ପୋଲିସର ଜିମା ଦେଇଥିଲେ। ଧରା ପଡିଥିବା ଅଭିଯୁକ୍ତ ଜଣକ ମିଲୁ ରାଜହାନ୍ସ ଓ ତାଙ୍କ ଘର ମନମୁଣ୍ଡା ଥାନା ଅନ୍ତର୍ଗତ ବାଘାଡ଼ ଗ୍ରାମରେ। ଅନ୍ୟ ଜଣକ ଘର ଲୋକାପଡା ଗ୍ରାମରେ ବୋଲି ଜଣାଯାଇଛି।

### ରାଜବାଟୀ ନୂତନ ମଣ୍ଡପରେ ପୂଜା ପାଇବେ ମା' ଦୁର୍ଗା

ପଦ୍ମପୁର,୧୦।୧୦(ଡି.ଏନ.ଏ): ପଦ୍ମପୁର ରାଜବାଟୀ ପରିସରରେ ପ୍ରତିବର୍ଷ ଶାରଦୀୟ ଦୁର୍ଗାପୂଜା ହୋଇଥାଏ। କିନ୍ତୁ ଚଳିତ ବର୍ଷ ମାଁ ଜଗତ୍‌ଜନନୀ ନବ ନିର୍ମିତ ସ୍ଥାୟୀ ମଣ୍ଡପରେ ପୂଜା ପାଇବେ। ଶିଳ୍ପପତି ଅମରଦୀପ ଅଗ୍ରୱାଲଙ୍କ ଆର୍ଥିକ ଅନୁଦାନରେ ଏହି ମଣ୍ଡପ ନିର୍ମାଣ କରାଯାଇଛି। ମଣ୍ଡପ ସମ୍ପୂର୍ଣ୍ଣ ହେବା ପରେ ପ୍ରତିଷ୍ଠା କରାଯାଇଥିଲା। ଏଥିରେ ଅମରଦୀପ ଦମ୍ପତି ପୂଜା କର୍ତ୍ତା ଥିଲେ। ପଣ୍ଡିତ ଅତ୍ରାହୀ ଭଞ୍ଜନ ପାଣିଗ୍ରାହୀ ପୂଜାହୋମ କରିଥିଲେ। ମଣ୍ଡପ ପ୍ରତିଷ୍ଠା ଉତ୍ସବରେ ରାଜ ପରିବାରର ମହାରାଜା ପ୍ରତାପ କେଶରୀ ସିଂହ ବରିହା, ଯୁବରାଜ ଚନ୍ଦନ ସିଂହ ବରିହା, ବିଧାୟକ ବିଜୟ ରଞ୍ଜନ ସିଂହ ବରିହା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ମନୋରଞ୍ଜନ ସିଂହ ବରିହା, ଦୁର୍ଗାପୂଜା ପରିଚାଳନା କମିଟିର କୃଷ୍ଣମୋହନ ପଣ୍ଡା ପ୍ରମୁଖ ଯୋଗଦାନ ଦେଇଥିଲେ।

### ବୁଡାମାଲରେ ଆଇନ ସହାୟତା ଶିବିର

ପଦ୍ମପୁର, ୧୦।୧୦(ଡି.ଏନ.ଏ): ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ ବୁଡାମାଲ ବ୍ଲକ କାର୍ଯ୍ୟାଳୟ ପରିସରରେ ପଦ୍ମପୁର ତାଲୁକ ଆଇନ ସେବା ପ୍ରାଧିକରଣ ସମିତି ପକ୍ଷରୁ ଶନିବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ସୁଶୀଳ ପ୍ରଧାନ, ହରି ସିଂହ, କିରାଣୀ ସିପୁନ ପାଣିଗ୍ରାହୀ, କୀର୍ତ୍ତି ଭୁଏ ଯୋଗଦାନ କରି ଜନସାଧାରଣ, ଗରିବ, ଅସହାୟମାନେ କିପରି ମାଗଣାରେ ଆଇନ ସେବା ପାଇପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ସରପଞ୍ଚ ଚତୁର୍ଭୁଜ ମେହେର, ନିର୍ବାହୀ ଅଧିକାରୀ ଶିବ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ସମସ୍ତ ପିଏଲ୍‌ଭି ଉପସ୍ଥିତ ଥିଲେ।

## ୨ ଶହ ଫୁଟ ତଳକୁ ଖସି ପଡ଼ିଲା ମିନିଟ୍ରକ

**ବର୍ତ୍ତିଲେ ଚାଳକ ଓ ହେଲପର**

ତଳଗାଁ,୧୦।୧୦(ଡି.ଏନ.ଏ.)

ଶନିବାର ବିଳମ୍ବିତ ରାତିରେ ବୌଦ୍ଧ ଜିଲାର ସୀମାନ୍ତ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଏକ ବୁଲାଣି ରାସ୍ତାରେ ଗୋଟିଏ ମିନି ଟ୍ରକ ୨ ଶହ ଫୁଟ ତଳକୁ ଖସି ପଡିଛି। ତେବେ ଚାଳକ ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମିଳିଥିବା ସୂଚନା ମୁତାବକ, ଖୋର୍ଦ୍ଧାରୁ କୁକୁଡା ଖାଦ୍ୟ ବୋଝେଇ ଏକ ମିନିଟ୍ରକ (ଓଡି୧୭ଏକ୍ସ-୦୭୦୬)ବଲାଙ୍ଗୀର ଅଭିମୁଖେ ଯାଉଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ତଳକୁ ଖସିପଡିଥିଲା। ଖବରପାଇ ହରଭଙ୍ଗା ବ୍ଲକର ଆଡେଣିଗଡ ଫାଣ୍ଡି ଅଧିକାରୀ ସନ୍ତୋଷ କୁମାର ମଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଏକ ମାମଲା ରୁଜୁ କରିଥିବା ଜଣାପଡିଛି।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

ବୌଦ୍ଧ,୧୦।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲା ବିଜ୍ଞାପିତ ଅଞ୍ଚଳ ପରିଷଦର ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ରବିବାର ଦିନ ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ମଞ୍ଚର ସଭାପତି ଅଖିଳ ଚାନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ୪୦ ଜଣ ସଭ୍ୟ ଯୋଗ ଦେଇଥିଲେ। ମଞ୍ଚର ସାଧାରଣ ସଂପାଦକ ଅକ୍ଷୟ କୁମାର ମହାନ୍ତି ବିବରଣୀ ପାଠ କରିବା ସହ ସଂଗଠନକୁ କିପରି ମଜଭୂତ କରାଯାଇପାରିବ ସେ ନେଇ ଆଲୋକପାତ କରିଥିଲେ। ପ୍ରଶାସନ ଠାରୁ କିପରି ବରିଷ୍ଠ ନାଗରିକ ପରିଚୟ ପତ୍ର ସଦସ୍ୟମାନଙ୍କୁ ମିଳିପାରିବ ସେ ନେଇ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କୋଷାଧ୍ୟକ୍ଷ ବୈକୁଣ୍ଠ ନାଥ ସାହୁ ଆୟ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ମୃତ୍ୟୁବରଣ କରିଥିବା ମଞ୍ଚର ସଦସ୍ୟ ଶିବ ନାରାୟଣ ଦାସ, ଦୁର୍ଯୋଧନ ମହାକୁଡ, ବାମଦେବ ଛତ୍ର ଓ ସୁଦର୍ଶନ କୁଦେଇଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସଦସ୍ୟ ରବୀନ୍ଦ୍ର କୁମାର ରାଉତ, ପ୍ରଭାତ କୁମାର ସାହୁ ଓ ସନ୍ତୋଷ କୁମାର ଅଗ୍ରୱାଲା ମୃତ ସଦସ୍ୟଙ୍କ ସ୍ମୃତିଚାରଣ କରିଥିଲେ। ବୈଠକରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ପ୍ରଭାତ କୁମାର ସାହୁ, ଉପସଭାପତି ମହେଶ କୁମାର ଦଲାଲ, ସମ୍ପାଦକ ବିଶ୍ୱନାଥ ମିଶ୍ର, କୋଷାଧ୍ୟକ୍ଷ ଚତୁରାନନ ଭଞ୍ଜ ଓ ସଭ୍ୟ ଭାବରେ ସୁରେନ ଜେନା, ବଳରାମ ସାହୁ, ଭଗବାନ ଆଚାର୍ଯ୍ୟ, ନେତ୍ରାନନ୍ଦ ବାରିକ, ପଦ୍ମନାଭ ସାହୁ, ଜି. ସାହୁ, ରତ୍ନାକର କର୍ଣ୍ଣ ମନୋନୀତ ହୋଇଥିଲେ। ଶେଷରେ ଜିଲା ଉପସଭାପତି ଶଙ୍କର ଲାଲା ଅଗ୍ରୱାଲା ଧନ୍ୟବାଦ ଦେଇଥିଲେ।

# ଦିଗଶିରା ଫୁଟବଲ: ଡୁଙ୍ଗୁରିପାଲି ଚାମ୍ପିୟନ

ଡୁଙ୍ଗୁରିପାଲି,୧୦।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଆଜାଦ ଫୁଟବଲ ସଂଘ ଆନୁକୂଲ୍ୟରେ ଖେଳାଯାଇଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟକୁ ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଖଇରମାଲ ଦଳକୁ ପରାଜିତ କରି ଡୁଙ୍ଗୁରିପାଲି ଦଳ ଚାମ୍ପିୟନ ହୋଇଥିଲା। ସମ୍ମାନୀତ ଅତିଥି ଭାବେ ଦିଗଶିରା ସରପଞ୍ଚ ଲବ ମେହେର, ସମିତି ସଭ୍ୟ ବିଶ୍ୱନାଥ ମେହେର, ସାମାଜିକ କର୍ମୀ ଦୀନବନ୍ଧୁ ସୁନା, ସହଦେବ ପଧାନ, ଗଣେଷ ମେହେର, ଆନନ୍ଦ ସାହୁ, ସୁଦାମ ସୁନା, ଦୁଃଖୁ ବାରିକ, ଗୋପାଳ ସେଠୀ,ଅରକ୍ଷିତ ମେହେର, ରଞ୍ଜନ ଠେଲା, ସନ୍ୟାସୀ ବାବୁ, ମନମୋହନ ଦାସ ଉପସ୍ଥିତ ଥିଲେ। ବିଜେତା ଓ ଉପବଜେତା ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା।


ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ବଡ଼ମାଳ ଚାମ୍ପିୟନ

ଉଲୁଣ୍ଡା, ୧୦।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଖଲିଆପାଲି ଭଗବତଜୀ କ୍ଲବ ପକ୍ଷରୁ ଆୟୋଜିତ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ସମ୍ପନ୍ନ ହୋଇଛି। ଫାଇନାଲ ଖେଳରେ ବଡ଼ମାଳ ମଠ ଦଳ ଝରକୁମୁଣ୍ଡାକୁ ୩-୧୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହା ପୂର୍ବରୁ ଖେଳାଯାଇଥିବା ମ୍ୟାଚଗୁଡିକରେ ବଡ଼ମାଳ, ଖଲିଆପାଲିକୁ ୧-୦ ଗୋଲରେ, କଲୋନୀ ବଡ଼ମାଳ ଲାତୁରପେଟକୁ ୧-୦ ଗୋଲରେ, ଝରକୁମୁଣ୍ଡା କିସାନ ସ୍ପୋର୍ଟିଂକୁ ୪-୩ ଗୋଲରେ ଓ ଧାତୁକପାଲି ଦଳ ଉଲୁଣ୍ଡାକୁ ୩-୨ ଗୋଲରେ ପରାସ୍ତ କରିଥିଲେ। ପ୍ରଥମ ସେମିରେ ବଡ଼ମାଳ ମଠ ଦଳ ବଡ଼ମାଳ କଲୋନୀକୁ ୧-୦ ଗୋଲରେ ଏବଂ ଦ୍ୱିତୀୟ ସେମିରେ ଝାରକୁମୁଣ୍ଡା ଦଳ ଧାରୁକପାଲିକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଆୟୋଜକ ସଭାପତି ପିତାମ୍ବର ସାହୁଙ୍କ ସଭାପତିତ୍ୱ ଓ ସମ୍ପାଦକ ସୁଗ୍ରୀବ ଭୋଇଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ ପଣ୍ଡା, କୈଳାସ ପୁରୋହିତ, ରମେଶ ମାହର, ତ୍ରିନାଥ ଭୋଇ, ବିକ୍ରମ ସିଂ, କୁର୍ତି ବାଘ ପ୍ରମୁଖ ଯୋଗଦେଇ ବିଜୟୀ ବଡ଼ମାଳ ଏବଂ ଉପବିଜେତା ଝାରକୁମୁଣ୍ଡାକୁ ପୁରସ୍କର ପ୍ରଦାନ କରୁଥିଲେ।



ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀ ରବିବାର ଭୈରବୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

## କୃଷି, କୃଷକଙ୍କ ସମସ୍ୟା ନେଇ ବୈଠକ

ପଦ୍ମପୁର,୧୦।୧୦(ଡି.ଏନ.ଏ)

ବରଗଡ଼ ଜିଲା ଚର୍ଦାପାଲି ଗ୍ରାମପଞ୍ଚାୟତ ଗସ୍ତିଡିହିଠାରେ ରବିବାର କୃଷି ଓ କୃଷକ ସମସ୍ୟାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅରକ୍ଷିତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଜୟ ହିନ୍ଦ୍ କୃଷକ ସଙ୍ଗଠନର ରମେଶ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷିନୀତି, ଇନ୍‌ପୁଟ ସବ୍‌ସିଡି, ଜଳସେଚନ ଓ ମଣ୍ଡି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ରାଜବୋଡା କୃଷକ ସଙ୍ଗଠନର ଆବାହକ ଅଶୋକ ସାହୁ, ରୋହିତ ପ୍ରଧାନ, ମୋତିଲାଲ ବାଲମ, ପାନାଲାଲ ନାଏକ, କୈଳାସ ବାରିକ, ପ୍ରଶାନ୍ତ ପ୍ରଧାନ, ପୁଷ୍କର ବରିହା, ନେତ୍ରାନନ୍ଦ ବେହେରା, ମୁକ୍ତିଶ୍ୱର ପଟେଲ ମଞ୍ଚାସୀନ ଅତିଥି ଥିଲେ। ପଦ୍ମଲୋଚନ ବେରିଆ, ରକ୍ଷାପାଳ ସାହୁ, ସୁଦାମ ସାହୁ, ଶେଷଦେବ ନାୟକ, ଯୁବରାଜ ସାହୁ, ଶେଷଦେବ ସୁନା ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ୨୨ତାରିଖରେ ପଦ୍ମପୁରଠାରେ ବିରାଟ କୃଷକ ସମାବେଶ କରିବାକୁ ସଙ୍ଗଠନର ଆବାହକ ଅଶୋକ ସାହୁ ଘୋଷଣା କରିଥିଲେ।

# ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ସୋନପୁର,୧୦।୧୦(ନି.ପ୍ର.)

ସୁବର୍ଣ୍ଣପୁର ସହର ମଝିପଡାର ସିଆରପିଏଫ୍ ଯବାନ ପ୍ରତାପ କୁମାର ନାଏକଙ୍କ ମୃତ୍ୟୁରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ନାଏକ ସିଆରପିଏଫ ଯବାନଭାବେ ନାଗାଲାଣ୍ଡରେ କାର୍ଯ୍ୟରତ ଥିଲେ। ଗତ ୨ତାରିଖରେ ନାଗାଲାଣ୍ଡରୁ ନିଜ ଜନ୍ମସ୍ଥାନ ସୋନପୁରକୁ ଟ୍ରେନ୍‌ରେ ଫେରୁଥିବା ସମୟରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଯବାନଙ୍କ ମୃତଦେହକୁ ଟ୍ରେନ୍ ଲାଇନ ପାର୍ଶ୍ୱରୁ ଉଦ୍ଧାର କରାଯାଇଛି। ପ୍ରତାପ ସୋନପୁର ରାମଧୂନ କ୍ଲବ ଓ ମଝିପଡା କାଳୀ ପୂଜା କମିଟିର ଜଣେ ସକ୍ରୀୟ ସଭ୍ୟ ଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ କ୍ଲବ ସଦସ୍ୟମାନେ ଶହୀଦ୍ ଯବାନଙ୍କ ସ୍ମୃତିଚାରଣ କରି ସହରରେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ଶୋଭାଯାତ୍ରାରେ ଜିଲା କ୍ରୀଡା ସଂଘ, ଇନଫିନିଟି ଆଥଲେଟିକ୍ ଏକାଡେମୀ, ସ୍ୱଚ୍ଛ ଭାରତ ସଂଗଠନ, ଜିଲା କ୍ରିକେଟ୍ ସଂଘ, ଜିଲା ଔଷଧ ବ୍ୟବସାୟୀ ସଂଘ କର୍ମକର୍ତ୍ତା, ବରିଷ୍ଠ ସଦସ୍ୟ କଇରୁ ସ୍ୱାଇଁ, ଲଡୁକିଶୋର ମଲ୍ଲିକ, ହରି ସାହୁ, ମାନସ ସେଠ୍, ସତ୍ୟନାରାୟଣ ଦରୱାନ ପ୍ରମୁଖ ସାମିଲ ହୋଇଥିଲେ।



ସୋନପୁରରେ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

## ସିଆର୍‌ପିଏଫ୍ ତରଫରୁ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ

ପାଇକମାଳ,୧୦।୧୦(ଡି ଏ ନ ଏ)

ବରଗଡ ଜିଲା ପାଇକମାଳ ମୁଖ୍ୟ ଛକ ଠାରେ ସିଆର୍‌ପିଏଫ୍ ୧୮୯ ବାଟାଲିୟନ ତରଫରୁ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆରପିଏଫ୍ କମାଣ୍ଡାଣ୍ଟ ପୱନ କୁମାର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ବରତୁଣ୍ଡା କ୍ୟାମ୍ପର ଆସିଷ୍ଟାଣ୍ଟ କମାଣ୍ଡିଙ୍ଗ ସୁରେନ୍ଦ୍ର କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଇକମାଳ ଓ ବରତୁଣ୍ଡା କ୍ୟାମ୍ପର ଯବାନ ମାନେ ଟ୍ରାଫିକ ସଚେତନତା ଅଭିଯାନ କରିଥିଲେ। ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ଯୋଗଦେଇ ବିନା ହେଲମେଟରେ ଯାଉଥିବା କିମ୍ବା ବିନା ସିଟ୍ ବେଲ୍ଟ ଧାରଣ କରି ଯାଉଥିବା ଚାଳକମାନଙ୍କୁ ବିଭିନ୍ନ ବାର୍ତ୍ତା ଦେଇ ସଚେତନ କରିଥିଲେ। ଏହାସହିତ ହେଲମେଟ ନ ପିନ୍ଧିବା ତଥା ଟ୍ରାଫିକ ନିୟମ ନ ମାନିବାର ପରିଣାମ ବାବଦରେ ମଧ୍ୟ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇନ୍ସପେକ୍ଟର ରଜାକ ଅଲି, ସବଇନ୍ସପେକ୍ଟର ଏମ୍ ଟି ଜଗଦୀଶ, ଏସ୍‌ଆଇ ନୁରୁଲ ଇସ୍‌ଲାମ, ଏସ୍‌ଆଇ ଗଙ୍ଗାରାମ, ଏଏସ୍‌ଆଇ ପି. କେ ସିଂଦେଓ, ଏଏସ୍‌ଆଇ ପି. ଓରାମ ଓ ପାଇକମାଳ ଥାନାର କର୍ମଚାରୀଙ୍କ ସହ ସ୍ଥାନୀୟ ଖବରଦାତାମାନେ ଅଂଶଗ୍ରହଣ କରି ଲୋକଙ୍କୁ ଟ୍ରାଫିକ ନିୟମ ଓ ଏହାର ଉପକାରିତା ବାବଦରେ ବୁଝାଇଥିଲେ।

# ଜାତୀୟ ସେବା ସଂସ୍ଥା ତରଫରୁ ତାଲିମ ଶିବିର

ଅମରପାଲି,୧୦।୧୦(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ସୁବଳୟା କଲେଜ ଜାତୀୟ ସେବା ସଂସ୍ଥା ତରଫରୁ ସ୍ୱେଚ୍ଛାସେବୀମାନଙ୍କର ଏକଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଭୋଳାନାଥ କର୍ମୀ ଶିବିରକୁ ଉଦ୍‌ଘାଟନ କରି ସ୍ୱେଚ୍ଛାସେବମୋନେ ନିଜକୁ ମାନବ ସେବାରେ ନିୟୋଜିତ କରିବା ପାଇଁ ପରାମର୍ଶ ଦେଇଥିଲେ। କଲେଜର ପୂର୍ବତନ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ରମାକାନ୍ତ ପୁରୋହିତ ଏବଂ ଦେବାଶିଷ ପଧାନ ଶିବିରାର୍ଥିଙ୍କୁ ଏହି ଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ସୁବ୍ରତ କୁମାର ପଣ୍ଡା ଶିବିରର ଆଭିମୁଖ୍ୟ ରଖିଥିବା ବେଳେ ଦେବାଶିଷ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ତାଲିମ ଶିବିରରେ ୫୦ଜଣ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପିକା ରେଣୁ ମିଶ୍ର ଓ ଦିଲ୍ଲୀପ କୁମାର ମେହେର ସହଯୋଗ କରିଥିଲେ।


ସୁବଳୟା କଲେଜରେ ସଫେଇ କାର୍ଯ୍ୟକ୍ରମ।

# ମାନବିକତା ମଣିଷର ମୁଖ୍ୟ ଧର୍ମ

ସୋନପୁର,୧୦।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମେଣ୍ଡା ସ୍ଥିତ ମହର୍ଷି ବୁଦ୍ଧରାମ ଡିଗ୍ରୀ କଲେଜରେ ଚାଲିଥିବା ତିନିଦିନିଆ ସଙ୍କୁଳସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବର ପ୍ରଥମ ଅଧିବେଶନରେ ନାଇକେନପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଚିତ୍ତରଞ୍ଜନ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଓ ରୋଗ ସମ୍ପର୍କରେ ବୁଝାଇଥିଲେ। ଦ୍ୱିତୀୟ ଅଧିବେଶନରେ ସୁବର୍ଣ୍ଣପୁର ଜିଲା ପ୍ରାକ୍ତନ ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିବା ସହ ମାନବିକତା ହିଁ ମଣିଷର ମୁଖ୍ୟଧର୍ମ ବୋଲି କହିଥିଲେ। ଜିଲା ଯୁବ ରେଡକ୍ରସ ସଂଯୋଜକ ଅଧାପକ ଉମାକାନ୍ତ ନାଗ ସମ୍ମାନିତ ଅତିଥିଭାବେ ଯୋଗଦେଇ ସଡକ ସୁରକ୍ଷା ବିଷୟରେ ଶିବିରାର୍ଥୀ ମାନଙ୍କୁ ସଚେତନ କରିଥିଲେ। ସମ୍ମାନିତ ଅତିଥିଭାବେ କଲେଜ ପରିଚାଳନା କମିଟି ସଭାପତି ବାଳଗୋପାଳ ପଣ୍ଡା, ନାରାୟଣ ଝାଙ୍କର ଯୋଗଦେଇ ରେଡକ୍ରସ ଓ ଏହାର ଉପାଦେୟତା ବିଷୟରେ ବକ୍ତବ୍ୟ ରଖିଥିଲେ। କଲେଜ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ କଲେଜରୁ ଆସିଥିବା କାଉନସିଲର ଓ ଶିବିରାର୍ଥୀମାନେ ନିଜ ଅନୁଭୂତି ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖ୍ୟ ଅତିଥି ଜଣେ କୃତି ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ଯୁବ ରେଡକ୍ରସ ତାଲିମ ଶିବିର ଉଦ୍‌ଯାପିତ**

